# ଏକ ଶିଳ୍ପୀର ସାଧନା



କୁଞ୍ଜବିହାରୀ ମେହେର

# ବାନ୍ଧ ଶିଳ୍ପୀର ସାଧନା

କୁଞ୍ଜବିହାରୀ ମେହେର

ବାନ୍ଧ ଶିଳ୍ପୀର ସାଧନା


ଲେଖକ : କୁଞ୍ଜବିହାରୀ ମେହେର
କଳାଭାରତୀ, ବରପାଲି
ବରଗଡ଼ (ଓଡ଼ିଶା)
୭୬୮୦୨୯

ପ୍ରକାଶକ : କୁଞ୍ଜବିହାରୀ ମେହେର
କଳାଭାରତୀ, ବରପାଲି
ବରଗଡ଼ (ଓଡ଼ିଶା)
୭୬୮୦୨୯

ପ୍ରକାଶ କାଳ : ଅଗଷ୍ଟ ୨୦୦୪

ମୁଦ୍ରଣ : ମିତା ପ୍ରିଣ୍ଟର୍ସ
କଲେଜ ରୋଡ଼, ବରପାଲି
ଫୋନ୍ (୦୬୬୪୬) ୨୫୬୧୯୧

ମୂଲ୍ୟ : ୯୦ ଟଙ୍କା (ସାଦା ବନ୍ଧେଇ)
୧୦୦ ଟଙ୍କା (ପଟା ବନ୍ଧେଇ)

# ଭୂମିକା

ହୃଦୟର ମଧୁର ଭାବାବେଗ ଶିଳ୍ପୀ ଜୀବନକୁ କିପରି ମହନୀୟ କରିଦିଏ ତାହାର ଉଜ୍ଜ୍ୱଳ ଉଦାହରଣ ହେଉଛନ୍ତି ବିଖ୍ୟାତ ବାନ୍ଧଶିଳ୍ପୀ ପଦ୍ମଶ୍ରୀ କୁଞ୍ଜବିହାରୀ ମେହେର। ତାଙ୍କର ଅମ୍ଳାନ ଶିଳ୍ପକର୍ମ ସହ ତାଙ୍କ ଅନ୍ତରର ସମ୍ବନ୍ଧ ଅତି ନିବିଡ଼। ବୟନ କଳା ତାଙ୍କ ପାଇଁ କେବଳ ଏକ ବୃତ୍ତି ମାତ୍ର ନୁହେଁ। ଜୀବନର ସକଳ ସରସତାକୁ ଏଥିରେ ସେ ଢ଼ାଳିଦେଇଛନ୍ତି ଉଚ୍ଛ୍ୱସିତ ଭାବରେ। ଈଶ୍ୱରଙ୍କ ପ୍ରତି ତାଙ୍କର ପ୍ରଗାଢ଼ ଭକ୍ତି, ମଣିଷ ପ୍ରତି ଅନାବିଳ ଅନୁରାଗ, ପ୍ରକୃତି ପ୍ରତି ବିପୁଳ ଆକର୍ଷଣ ପ୍ରଭାବଦୀପ୍ତ ହୋଇଉଠିଛି ଶ୍ରୀଯୁକ୍ତ ମେହେରଙ୍କ ସମସ୍ତ ଶିଳ୍ପକର୍ମରେ। ଯେକୌଣସି ମହାନ୍ ଶିଳ୍ପୀ ମନେ କରନ୍ତି ଯେ ସମସ୍ତ ପ୍ରକାର କଳାକର୍ମ ଜୀବନକୁ ଉଚ୍ଚତର ସୋପାନକୁ ଉତ୍ତୀର୍ଣ୍ଣ କରି ନେବା ପାଇଁ ଉଦ୍ଦିଷ୍ଟ। ଶ୍ରୀଯୁକ୍ତ କୁଞ୍ଜବିହାରୀ ମେହେରଙ୍କ ଉପଲବ୍ଧିରେ ମଧ୍ୟ ସେଇ ଶିବ ଚେତନା ଫୁଟିଉଠିଛି ଅତ୍ୟନ୍ତ ପ୍ରାଣସ୍ପର୍ଶୀ ଭାବରେ। ମଣିଷର ଜୀବନ ଈଶ୍ୱରଙ୍କ ଆଶୀର୍ବାଦରେ, ପ୍ରକୃତିର ସ୍ନିଗ୍ଧ ସ୍ପର୍ଶରେ ଦିବ୍ୟସୁନ୍ଦର ହୋଇଉଠୁ - ଏଇ ବାର୍ତ୍ତା ତାଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ବସ୍ତ୍ରରେ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଉଠିଛି।

ଛାତ୍ର ଜୀବନରୁ ତାଙ୍କର ମମତାଭରା ସମ୍ବୋଧନରେ ସେ ମୋତେ କିଣିନେଇ ସାରିଥିଲେ। ତାଙ୍କର ଆଳାପ ଭିତରେ ଫୁଟିଉଠୁଥିବା ନମ୍ରତାର ସ୍ନେହ ଓ ସଦିଚ୍ଛାର ଆଲୋକ ମୋତେ ସବୁବେଳେ ଅଭିଭୂତ କରି ରଖୁଥିଲା। ତାଙ୍କର ବୟନ କଳା ସହ ମୋର ପରିଚୟ ପ୍ରଥମ ନୁହେଁ। ପ୍ରଥମ ପରିଚୟ ତାଙ୍କ ବ୍ୟକ୍ତିତ୍ୱର ମହନୀୟତା ସହ। ଯେଉଁ ଶିଳ୍ପୀଙ୍କ ଜୀବନ ଶୈଳୀ ଏତେ ପରିଶୀଳିତ, ଏତେ ମାର୍ମିକ ଓ ସ୍ନେହାର୍ଦ୍ର ତାଙ୍କ କୃତି ନିଚୟ ଯେ ନିଶ୍ଚିତ ଭାବରେ ହୃଦୟସ୍ପର୍ଶୀ ହୋଇଥିବ - ଏ ବିଶ୍ୱାସ ଓ ଉପଲବ୍ଧି ମୋ ଭିତରେ କ୍ରମଶଃ ଗଭୀର ହୋଇଉଠୁଥିଲା। ତାଙ୍କର ସକଳ କୃତିତ୍ୱ ଭିତରେ ତେଣୁ ସେଇ ଶିଳ୍ପୀ ଚେତନାର ପବିତ୍ରତା

ଜଣାଇ ହେବ ! ପରମ ପୂଜାସ୍ପଦ ଶିଳ୍ପୀ ଶ୍ରୀଯୁକ୍ତ ମେହେର ଏଇ ଭୂମିକା ଲେଖିବାର ଦାୟିତ୍ୱ ଯେତେବେଳେ ମୋ ଉପରେ ଅର୍ପଣ କରିଥିଲେ ସେତେବେଳେ କଂପିତ କଣ୍ଠରେ କହିଥିଲେ - ସମସ୍ତଙ୍କ ପ୍ରତି ମୋ ପ୍ରାଣର କୃତଜ୍ଞତା ଠିକ୍ ଭାବରେ ଲେଖି ପାରିବ ତ ! ପୂଜ୍ୟ ଶ୍ରୀଯୁକ୍ତ ମେହେର କୃତଜ୍ଞତାର ଏକ କମନୀୟ ବିଗ୍ରହ। ତାଙ୍କ ପ୍ରତି ସାମାନ୍ୟ ସ୍ନେହାଦର ପ୍ରକାଶ କରୁଥିବା ବ୍ୟକ୍ତି ପ୍ରତି ବି ସେ ଢାଳି ଦିଅନ୍ତି ଅମାପ ଅନୁରାଗ। ବାସ୍ତବରେ ସେ କୃତଜ୍ଞ ହୃଦୟର ଭାଷା ଲିପିବଦ୍ଧ କରିବାରେ ମୁଁ ଏକାନ୍ତ ଅସମର୍ଥ। ମୋର କେବଳ ଏତିକି ବିଶ୍ୱାସ ଯେଉଁମାନେ ଏଇ ମହତ୍ ଶିଳ୍ପୀଙ୍କୁ ନିକଟରୁ ଦେଖିଛନ୍ତି, ଅନୁଭବ କରିଛନ୍ତି ତାଙ୍କ ସ୍ନେହଶୀଳ ନମ୍ର ହୃଦୟକୁ ସେମାନେ ତାଙ୍କ କୃତଜ୍ଞ ଅନ୍ତରର ଭାଷାକୁ ନିଶ୍ଚୟ ହୃଦୟଙ୍ଗମ କରିପାରିବେ। ଆଉ ବହିଟିକୁ ପାଠ କରିବେ ଆଗ୍ରହ ସହକାରେ।

ବର୍ତ୍ତମାନ ପୂଜ୍ୟ ଶିଳ୍ପୀ ଶ୍ରୀଯୁକ୍ତ ମେହେର ଅତି ଦୁର୍ବଳ। କିନ୍ତୁ ସକଳ ଶାରୀରିକ ଯନ୍ତ୍ରଣାକୁ ବି ଈଶ୍ୱରଙ୍କ ଆଶୀର୍ବାଦ ବୋଲି ବର୍ଣ୍ଣନା କଲାବେଳେ ଆଖି ତାଙ୍କର ଉଜ୍ଜ୍ୱଳ ହୋଇଉଠେ, ବାଷ୍ପାକୁଳ କଣ୍ଠରୁ ବି ଝରିପଡୁଥାଏ ବିଶ୍ୱନିୟନ୍ତାଙ୍କ ପ୍ରତି ପ୍ରେମପୂର୍ଣ୍ଣ କୃତଜ୍ଞତା। ସେଇ କୃତଜ୍ଞ ସ୍ୱରର ସ୍ପର୍ଶରେ ସିକ୍ତ ହେବାର ସୌଭାଗ୍ୟ ଲାଭ କରି ଆମେ ପ୍ରତ୍ୟେକେ ସୌରଭମୟ ହୋଇଉଠୁଛୁ। ତାଙ୍କର ଜୀବନ ଆଲେଖ୍ୟ, ବୟନ କଳାର ମହତ୍ୱ ଓ ତାଙ୍କ ନିଜ କଳା କୃତିର ବିଶଦ ବର୍ଣ୍ଣନା ଥିବା ଏ ଗ୍ରନ୍ଥଟି ଅନୁରାଗୀ ପାଠକମାନଙ୍କ ପ୍ରୀତିପୂର୍ଣ୍ଣ ଦୃଷ୍ଟି ଆକର୍ଷଣ କରୁ, ଏଇ ପ୍ରାର୍ଥନା ଈଶ୍ୱରଙ୍କ ଠାରେ ଜଣାଇ ରହୁଛି।

ବିନୀତ

**ମଣୀନ୍ଦ୍ର କୁମାର ମେହେର**

ବରପାଲି

# ଅଭିମତ

ପଦ୍ମଶ୍ରୀ କୁଞ୍ଜ ବିହାରୀ ମେହେର ସମ୍ବଲପୁରୀ ବାନ୍ଧକଳାର ଜଣେ ପ୍ରବାଦ ପୁରୁଷ। ଏହି କଳାକୁ ଦେଶ ବିଦେଶରେ ପରିଚିତ ଓ ପ୍ରଶଂସିତ କରିବାରେ ତାଙ୍କର ଅଗ୍ରଣୀ ଭୂମିକା ରହିଛି। ପ୍ରଚଣ୍ଡ କଳ୍ପନା ଶକ୍ତିର ଏହି ବାନ୍ଧଶିଳ୍ପୀ ଲୁଗା ବୁଣିଲା ବେଳେ ବିଶ୍ୱାସ କରି ହୁଏ ନାହିଁ ଯେ ସେ ପ୍ରକୃତରେ ମୌଳିକ ଚିତ୍ରର ଡିଜାଇନ୍ ଆଙ୍କୁଛନ୍ତି ନା କାର୍ପାସ ଦେହରେ କବିତା ଲେଖୁଛନ୍ତି ବୋଲି।

ରଙ୍ଗର ଆନୁପାତିକ ବ୍ୟବହାର ଓ କାବ୍ୟିକ କଳାତ୍ମକ ଶୈଳୀରେ ତାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରତ୍ୟେକ ଶାଢ଼ୀ ବାନ୍ଧକଳାର ପ୍ରାଚୀନ ଧାରା ସହ ଭାରତୀୟ ସାଂସ୍କୃତିକ ପରମ୍ପରାର ବୈଶିଷ୍ଟ ବହନ କରେ। ସେ ବହୁ ମୌଳିକ ଡିଜାଇନ୍ ସୃଷ୍ଟି କରିଥିଲେ ମଧ କେଉଁଠାରେ ହେଲେ ପରଂପରା ଚ୍ୟୁତ ହୋଇ ନାହାନ୍ତି। ପାରମ୍ପରିକତା ସହ ଆଧୁନିକ ଡିଜାଇନ୍‌ର ମିଶ୍ରଣରେ ଲୁଗାବୁଣିଥିଲେ ସେ ହୁଏତ ଆର୍ଥିକ ଦିଗରୁ ଲାଭବାନ ହୋଇଥାଆନ୍ତେ। ମାତ୍ର ବାନ୍ଧକଳାର ବିବର୍ତ୍ତନ ଧାରାରେ ଏହାର ମୌଳିକତା ନଷ୍ଟ ହୋଇଯାଇପାରେ ଭାବି ସେ ବ୍ୟବସାୟିକ ଚିନ୍ତା ସହ ସାଲିସ କରି ନାହାନ୍ତି। ସେତକ ହିଁ ତାଙ୍କର ବୈଶିଷ୍ଟ। ତାଙ୍କର ପ୍ରତ୍ୟେକ ସର୍ଜନାରେ ନିଜସ୍ୱ ମହତ୍ୱ ଓ ମର୍ମ ଥାଏ। ଲାଳିତ୍ୟ ଓ ମାଧୁର୍ଯ୍ୟ ଦୃଷ୍ଟିରୁ ତେଣୁ ତାଙ୍କର ପ୍ରତ୍ୟେକ କୃତି କ୍ଲାସିକ୍ ପର୍ଯ୍ୟାୟର।

ବାନ୍ଧଶିଳ୍ପର ଐତିହ୍ୟ ଓ ଇତିହାସ, ଏହାର ବୟନ ପ୍ରଣାଳୀ ଉପରେ ଅନୁଭୂତି ସିଦ୍ଧ ଅଭିବ୍ୟକ୍ତିର ପୁସ୍ତକ ସଂଖ୍ୟା ଗୋଟିଏ ବା ଦୁଇଟି ହେବ। ସେହି ଦୃଷ୍ଟିରୁ ପଦ୍ମଶ୍ରୀ କୁଞ୍ଜବିହାରୀ ମେହେରଙ୍କ ଦ୍ୱାରା ଲିଖିତ 'ବାନ୍ଧ ଶିଳ୍ପୀର ସାଧନା' ଏକ ଉଲ୍ଲେଖନୀୟ ପୁସ୍ତକ। ଏହା ତାଙ୍କର ଆତ୍ମଜୀବନୀ। ଶିଳ୍ପୀ ଜୀବନର ନିଷ୍ଠା, ସଂଘର୍ଷ, ସାଧନା ଓ ସୃଷ୍ଟି ସଂପର୍କରେ ଯେଭଳି ସାବଲୀଳ

ଭାଷା ତଥା ତଥ୍ୟାତ୍ମକ ଭାବରେ ପରିବେଶିତ ହୋଇଛି । ଆଗାମୀ ପୀଢ଼ିର ବାଦ୍ୟଶିଳ୍ପୀମାନଙ୍କୁ ମାର୍ଗ ଦର୍ଶନ ତଥା ପ୍ରେରଣା ଦେବାରେ ସହାୟକ ହେବ । ଓଡ଼ିଆ ପାଠକ ମଧ୍ୟ ନିଜର ଏକ ମହାନ୍ ସାଂସ୍କୃତିକ ଐତିହ୍ୟ ସଂପର୍କରେ ଜାଣି ପାରିବେ ।

ଏଭଳି ଏକ ପୁସ୍ତକ ରଚନା ଲାଗି ଶ୍ରୀଯୁକ୍ତ ମେହେରଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ପୁସ୍ତକଟିର ବହୁଳ ପ୍ରସାର କାମନା କରୁଛି ।

**ନାରାୟଣ ପୃଷ୍ଟେଠ୍**

କାର୍ଯ୍ୟକାରୀ ସଭାପତି

କଳାଭାରତୀ ଟ୍ରଷ୍ଟ, ବରପାଲି

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ଭୂମିକା | କ - ଘ |
| ଅଭିମତ | ଙ - ଚ |
| ଆତ୍ମକଥା | ୧ - ୫୩ |

[ ମୋର ପିତାମାତା ପୃ.- ୧; ମୋର ଜନ୍ମ ପୃ.- ୪; ପାଠପଢ଼ା ଓ କର୍ମମୟ ଜୀବନର ଆରମ୍ଭ ପୃ.- ୫; ମୋର ବିବାହ ଓ ଭାଇଭଉଣୀ ପୃ.- ୬; ମୋର ବାଲ୍ୟ ଜୀବନରେ ବୁଡ଼ାପାଲି ଗ୍ରାମର ଗୋଟିଏ ଐତିହାସିକ ଘଟଣା ପୃ.- ୬; ପରମେଶ୍ୱରଙ୍କ ଅପାର କୃପା : ମୋର ଜୀବନ ରକ୍ଷା ପୃ.- ୧୦; ପୁଣି ମୋର ପାଠପଢ଼ା ଓ ଆମର ଅବଧାନ ପୃ.- ୧୧; ବିପଦ ପରେ ବିପଦ ପୃ.- ୧୨; କଳା ସାଧନା ପ୍ରତି ଆକର୍ଷଣ ପୃ.- ୧୩; ଲୁଗାବଣା ଓ ବାନ୍ଧକାମ ପୃ.- ୧୫; ବାପାଙ୍କ ଭଗବତ୍ ଚର୍ଚ୍ଚାର ଆୟୋଜନ ପୃ.- ୧୭; ବାନ୍ଧ କାମରେ ଭାରତବର୍ଷ ଓ ବାପୁଜୀଙ୍କ ପୂଜା ପୃ.- ୧୮; ନୂତନ ଉଦ୍‌ଭାବନ ପୃ.- ୨୦; ମୋର ବନ୍ଧାପନା ଓ ପାରଂପରିକ କର୍ମ ପାଇଁ ଭଗବତ୍ ପ୍ରେରଣା ପୃ.- ୨୦; ପୁତ୍ର ଦୟାଳୁ ଓ ସୁରେନ୍ଦ୍ରର ଜନ୍ମ ପୃ.- ୨୧; ବରପାଲି ଆଗମନ ଓ ସମ୍ବଲପୁରର ରାଧାଶ୍ୟାମ ମେହେରଙ୍କ ପ୍ରେରଣା ପୃ.- ୨୨; ସମ୍ବଲପୁରର ଯୁଧିଷ୍ଠିର ମେହେର ପୃ.- ୨୩; କଷ୍ଟକର ଯାତ୍ରା ପୃ.- ୨୩; ସାଇକେଲ୍ କିଣା ପୃ.- ୨୪; ଦିନରାତି ନୂତନ ବାନ୍ଧ, ରଙ୍ଗ ଓ ବସ୍ତ୍ରବୟନର କଳ୍ପନା ପୃ.- ୨୪; ଦୈତାରୀ ଦାଦା, କଳାକାର ରାମଚନ୍ଦ୍ର ମେହେର ପୃ.- ୨୫; ବରପାଲିର ମହାତ୍ମାବୃନ୍ଦ ପୃ.- ୨୫; ବରପାଲି କଲେଜ ପ୍ରତିଷ୍ଠା ସମୟର ସ୍ମୃତି ପୃ.- ୨୬; ଶାଢ଼ୀର ଡିଜାଇନ୍‌ରେ ଭାରତୀୟ ସଂସ୍କୃତିର ମର୍ମବାଣୀ ପୃ.- ୨୭; ଝିଅ ଭୁବନେଶ୍ୱରୀର ଜନ୍ମ ଓ ବରପାଲିର ସଜ୍ଜନମଣ୍ଡଳୀଙ୍କ ସ୍ନେହ ପୃ.- ୨୮; ବିଭିନ୍ନ ଅନୁଷ୍ଠାନର ସଦସ୍ୟ ପୃ.- ୨୯; ବୁଣାଶାଳର ନୂତନ ରୂପରେଖ ପୃ.- ୨୯; ମୋର କଳାକର୍ମ ପୃ.- ୩୧; ବରପାଲି

ବିଷୟ ପୃଷ୍ଠା

ହିଁ ହେଲା ମୋର କର୍ମ ଭୂମି ପୃ.- ୩୨; ଶାନ୍ତିନିକେତନର ଜଣେ ଶିଳ୍ପୀ ପୃ.- ୩୪; କୃତାର୍ଥ ଆଚାର୍ଯ୍ୟଙ୍କ ପ୍ରଶଂସା ପୃ.- ୩୪; ରାଧାଶ୍ୟାମ ମେହେର ଓ ଲିଙ୍ଗରାଜ ମେହେରଙ୍କ ନୂତନ ପ୍ରେରଣା ପୃ.- ୩୫; ସ୍ୱାସ୍ଥ୍ୟର ଅବନତି ପୃ.- ୩୬; କବିପୁତ୍ର ଭଗବାନ ମେହେରଙ୍କ ଆଶୀର୍ବାଦ ଓ ବିନୋଦ ଚନ୍ଦ୍ର ମେହେରଙ୍କ ସାହାଯ୍ୟ ପୃ.- ୩୭; ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଆନ୍ତରିକତା ପୃ.- ୩୮; ମୋର କଳାକର୍ମର ଆଦୃତି ପୃ.- ୩୯; ନୂଆ ଡିଜାଇନ୍‌ର ଉଦ୍‌ଭାବନ ପୃ.- ୪୦; ମଣୀନ୍ଦ୍ର ବାବୁଙ୍କ ଶ୍ରଦ୍ଧାଶୀଳତା ପୃ.- ୪୧; ପୁତ୍ରଦ୍ୱୟଙ୍କ କୌଳିକ କର୍ମ ପୃ.- ୪୧; ତାଲିମ କେନ୍ଦ୍ର ପ୍ରତିଷ୍ଠା ଓ ପୁରସ୍କାର ଲାଭ ପୃ.- ୪୨; ପୁତ୍ର ଦୟାଳୁର ବିବାହ ପୃ.- ୪୨; ନାତିନାତୁଣୀଙ୍କ ଜନ୍ମ ପୃ.- ୪୨; ଦ୍ୱିତୀୟ ପୁତ୍ର ସୁରେନ୍ଦ୍ରର ବିବାହ ଓ ନାତିନାତୁଣୀଙ୍କ ଜନ୍ମ ପୃ.- ୪୩; ଝିଅର ବିବାହ ପୃ.- ୪୪; ଦୁଃଖ ଭିତରେ ଈଶ୍ୱରଙ୍କ ସଦିଚ୍ଛା ପୃ.- ୪୫; ନାରାୟଣ ପୃଷେଠ୍‌ଙ୍କ ସହୃଦୟତା ପୃ.- ୪୫; ଆଲୋକ ପଥର ଅନୁସରଣ ଆମ ଜୀବନର ଉଦ୍ଦେଶ୍ୟ ପୃ.- ୪୬; ମୋ କର୍ମର ପ୍ରେରଣା ପୃ.- ୪୬; 'ଭାରତରତ୍ନ' ଶାଢ଼ୀର ସ୍ମୃତି ପୃ.- ୪୭; ଅପୂର୍ବ ଶ୍ରଦ୍ଧା ଅପୂର୍ବ ଶୁଭେଚ୍ଛା ପୃ.- ୪୯; କୃତଜ୍ଞତାରେ ଭରା ମୋ ହୃଦୟ ପୃ.- ୫୨ ]

ବସ୍ତ୍ରବୟନ କଳାର ଉତ୍ପତ୍ତି ଓ ବିକାଶ ୫୪ - ୧୩୦

[ ଆଦିମ ମାନବ ପୃ.- ୫୪; ହସ୍ତତନ୍ତ ବସ୍ତ୍ରର ଆଦିମ ଶିଳ୍ପୀ ପୃ.- ୫୬; ସୃଷ୍ଟିକର୍ତ୍ତାଙ୍କ ଦାନ ପୃ.- ୫୮; ତୁଳା, ସୂତା, କପଡ଼ା ଆଦି ନାମକରଣର ତାତ୍ପର୍ଯ୍ୟ ପୃ.- ୫୮; ସଳିତାର ଜନ୍ମ ବୃତ୍ତାନ୍ତ ପୃ.- ୫୯; କପାଗଛର ଦାନ ପୃ.- ୫୯; ପୁଣ୍ୟଭୂମି ଭାରତ ପୃ.- ୬୦; ବୟନ ଶିଳ୍ପୀର ଜୀବନ ଯାତ୍ରା ପୃ.- ୬୦; ମନ୍ଦାର ଫୁଲିଆ ଶାଢ଼ୀର ଜନ୍ମ ପୃ.- ୬୨; ଜଗଜ୍ଜନନୀଙ୍କ ଆଶୀର୍ବାଦ ପୃ.- ୬୨; ଶିଳ୍ପୀ ସମାଜ ପୃ.- ୬୪; ପାଟବସ୍ତ୍ର ତିଆରି ପୃ.- ୬୫; ସତୀ ଅନସୂୟାଙ୍କ ଆଶୀର୍ବାଦ ପୃ.- ୬୫; ସୀତାଙ୍କୁ ଅମ୍ଲାନ ବସ୍ତ୍ର ଉପହାର ପୃ.- ୬୭; ଅତ୍ରି ମୁନିଙ୍କ ଆଶିଷ ପୃ.- ୬୭; ବସ୍ତ୍ର ପରିଧାନ ସହ ଶୁକମୁନିଙ୍କ ଜନ୍ମ ପୃ.- ୬୭; ମେହେର ଉପାଧି

**ବିଷୟ** **ପୃଷ୍ଠା**

ପ୍ରାପ୍ତି ପୃ.- ୬୭; ସୂତାବସ୍ତ୍ରର ବିଶୁଦ୍ଧତା ପୃ.- ୬୮; ସମାଜ ସଂଗଠନ ପୃ.- ୬୮; ଗୋପବାଳାଙ୍କ ବସ୍ତ୍ର ପୃ.- ୬୯; ନୀଳାମ୍ବର ଓ ପୀତାମ୍ବର ବସ୍ତ୍ର ପୃ.- ୭୦; ଦ୍ରୌପଦୀଙ୍କ ବସ୍ତ୍ରହରଣ ଓ ବୟନ ଶିଳ୍ପୀର ବ୍ୟଥା ପୃ.- ୭୧; ଶାନ୍ତିପ୍ରିୟ ଶିଳ୍ପୀ ସମାଜ ପୃ.- ୭୧; ବୟନ ଶିଳ୍ପୀଙ୍କ ଉତ୍କଳ ଆଗମନ ପୃ.- ୭୨; ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ପୃ.- ୭୫; ଭୁଲିଆ ସମାଜ ପୃ.- ୭୬; ଚିରକାଳର ସାଥୀ - ବସ୍ତ୍ର ପୃ.- ୭୬; ବୟନ କାର୍ଯ୍ୟର ଦିବ୍ୟ ଅର୍ଥ ପୃ.- ୭୭; ଦୀପାବଳୀ ଉତ୍ସବର ମହତ୍ତ୍ୱ ପୃ.- ୭୮; ଧରମ୍ କରମ୍ ଆମି ଅସଲ କରିସଁ (ଧର୍ମ କର୍ମ ହିଁ ଆମ ଜୀବନର ଉଦ୍ଦେଶ୍ୟ) ପୃ.- ୭୯; ପାଟରା ଶିଳ୍ପୀ ସମାଜ ପୃ.- ୮୦; କୁଷ୍ଠା ଶିଳ୍ପୀ ସମାଜ ପୃ.- ୮୦; ଭୁଲିଆ ସମାଜ ପୃ.- ୮୧; ହସ୍ତତନ୍ତ ଶିଳ୍ପକଳା ପୃ.- ୮୧; ସୂତାର ପରିମାଣ ପୃ.- ୮୩; ପୂର୍ବକାଳର କପଡ଼ାର ନାମ ପୃ.- ୮୬; ପୂର୍ବକାଳର ପ୍ରଣାଳୀ ପୃ.- ୮୭; ପୂର୍ବକାଳର ରଙ୍ଗ ପୃ.- ୯୦; ପ୍ରାକୃତିକ ରଙ୍ଗ ପ୍ରସ୍ତୁତିର ପ୍ରଣାଳୀ ପୃ.- ୯୧; ସଂକ୍ଷିପ୍ତ ନବୀକୃତ ପ୍ରଣାଳୀ ପୃ.- ୯୫; ନୂତନ ରଙ୍ଗ ପୃ.- ୯୫; ସୂତା ଉପରେ ରଙ୍ଗ କରିବା ପ୍ରଣାଳୀ ପୃ.- ୯୬; ସୂକ୍ଷ୍ମବାନ୍ଧ ରଙ୍ଗ ପୃ.- ୧୦୨; ପାଟ ବାନ୍ଧ ଉପରେ ରଙ୍ଗ ପୃ.- ୧୦୪; ସୂତା ଉକୁଳା ଓ ତନା ପୂରା ପୃ.- ୧୦୫; ପାଜିନୀ କରା ପୃ.- ୧୦୬; ପାଜିନୀ ପୃ.- ୧୦୮; କୁଁଚି ପୃ.- ୧୦୮; ଯୁରସାର ତନାସରା ପୃ.- ୧୧୦; ଦେହ ବୁଣା ବାଧିର ବିବରଣୀ ପୃ.- ୧୧୩; ବାନ୍ଧକମ୍ ପୃ.- ୧୧୪; ବାନ୍ଧ ବାନ୍ଧିବା ପ୍ରଣାଳୀ ପୃ.- ୧୧୫; ଧଡ଼ିକମ୍‌ର ପ୍ରଣାଳୀ ପୃ.- ୧୧୬; ବାନ୍ଧରଙ୍ଗ ପୃ.- ୧୧୯; ବାନ୍ଧକମ୍‌ର ପ୍ରଥମ ଡିଜାଇନ୍ ପୃ.- ୧୨୩ (୧. ଘଘରା ପୃ.- ୧୨୩; ୨. ଦେଉଳି ପୃ.- ୧୨୪; ୩. ଚିହୁଲୀ ପୃ.- ୧୨୪; ୪. ଶଙ୍ଖ ପୃ.- ୧୨୫; ୫. ମାଛ ପୃ.- ୧୨୫; ୬. ହଂସ ପୃ.- ୧୨୬; ୭. ହରିଣ ପୃ.- ୧୨୬; ୮. ହାତୀ ପୃ.- ୧୨୬; ୯. ସିଂହ ପୃ.- ୧୨୭; ୧୦. ପଦ୍ମ ପୃ.- ୧୨୭); ସୂକ୍ଷ୍ମ ସୂତା ଓ ପାଟରେ ସୂକ୍ଷ୍ମ ବାନ୍ଧକମ୍ ପୃ.- ୧୨୮; ୧୦୦ ନମ୍ବର, ୧୨୦ ନମ୍ବର, ୧୦୦/୨ ଓ ୧୨୦/୨ ନମ୍ବର ସୂତା ଉପରେ ସୂକ୍ଷ୍ମ ବାନ୍ଧକଳା ପୃ.- ୧୨୮; ବାନ୍ଧକଳାର ବିଶେଷତ୍ୱ ପୃ.- ୧୨୯ ]

ବିଷୟ ପୃଷ୍ଠା

ନିଜ ଦ୍ୱାରା ପ୍ରସ୍ତୁତ କୃତିର ବର୍ଣ୍ଣନା ୧୩୧ - ୧୬୦

[ ୧. ପଦ୍ମାବତୀ ଶାଢ଼ୀ ପୃ.- ୧୩୧; ୨. ମୃଗନୟନୀ ପୃ.- ୧୩୨; ୩. ଗଜଗମନୀ ପୃ.- ୧୩୩; ୪. ମରାଳଗମନୀ ପୃ.- ୧୩୪; ୫. ଭାନୁମତୀ ପୃ.- ୧୩୫; ୬. ଇନ୍ଦୁମତୀ ପୃ.- ୧୩୬; ୭. ଭାରତରତ୍ନ ପୃ.- ୧୩୭; ୮. ପ୍ରଗତିରତ୍ନ ପୃ.- ୧୩୮, ୯. ପତିପ୍ରାଣା ଶାଢ଼ୀ ପୃ.- ୧୪୦; ୧୦. ଭାରତୀ କୁସୁମ ପୃ.- ୧୪୨; ୧୧. ପଞ୍ଚକନ୍ୟା ଶାଢ଼ୀ ପୃ.- ୧୪୬; ୧୨. ନଳିନୀପ୍ରଭା ପୃ.- ୧୪୮; ୧୩. ସ୍ନେହମୟୀ ଶାଢ଼ୀ ପୃ.- ୧୪୯; ୧୪. କଟି ଶୋଭନା ଶାଢ଼ୀ ପୃ.- ୧୫୦; ୧୫. ପାଟଳୀପ୍ରଭା ଶାଢ଼ୀ ପୃ.- ୧୫୧; ୧୬.ମରାଳମାଳିନୀ ପୃ.- ୧୫୨; ୧୭. ପୁଷ୍ପାବତୀ ଶାଢ଼ୀ ପୃ.- ୧୫୩; ୧୮. ରତ୍ନାବତୀ ଶାଢ଼ୀ ପୃ.- ୧୫୩; ୧୯. କଳିଙ୍ଗ ସୁନ୍ଦରୀ ପୃ.- ୧୫୪; ୨୦. ଆୟୁଧା ଶାଢ଼ୀ ପୃ.- ୧୫୫; ବିଭିନ୍ନ ଡିଜାଇନ୍ ବା ନମୁନା କାମ ପୃ.- ୧୫୫ (୧. ଗ୍ଲୋରୀ ଅଫ୍ ଓଡ଼ିଶା ପୃ.- ୧୫୫; ୨. ନବଗୁଞ୍ଜର ପୃ.- ୧୫୫; ୩. ବାପୁଜୀ କେ ଅବଦାନ୍ ପୃ.- ୧୫୬; ୪. ଭକ୍ତବତ୍ସଳ ଭଗବାନ ପୃ.- ୧୫୬; ୫. ଦଶ ଅବତାର ପୃ.- ୧୫୬; ୬. ସ୍ୱଭାବ କବି ଗଙ୍ଗାଧର ମେହେର ପୃ.- ୧୫୬; ୭. ଋଷିଆର ମହାପୁରୁଷ ଲେଲିନ୍ ପୃ.- ୧୫୬; ୮. ଷ୍ଟେଚ୍ୟୁ ଅଫ୍ ଲିବର୍ଟି ପୃ.- ୧୫୭; ୯. ଶ୍ରୀୟାଭକ୍ତି ପୃ.- ୧୫୮; ୧୦. ଆମ ଓଡ଼ିଶାର ଠାକୁର ପୃ.- ୧୫୮; ୧୧. ମହାତ୍ମା ଗାନ୍ଧିଙ୍କର ତିନି ମାଙ୍କଡ଼ ପୃ.- ୧୫୮; ୧୨. ଭାନୁଭକ୍ତି ପୃ.- ୧୫୯; ୧୩. ବୁଦ୍ଧଦେବ ପୃ.- ୧୫୯; ୧୪. ସରସ୍ୱତୀ ପୃ.- ୧୫୯); କଳାଭାରତୀ : ହସ୍ତତନ୍ତ ବାନ୍ଧକଳାର ସଂଗ୍ରହାଳୟ ପୃ.- ୧୬୦ ]

ପଦ୍ମଶ୍ରୀ କୁଞ୍ଜ ବିହାରୀ ମେହେର - ନାରାୟଣ ପୃଷ୍ଟେଠ୍ ୧୬୩ - ୧୬୮

[ ପଦ୍ମଶ୍ରୀ କୁଞ୍ଜ ବିହାରୀ ମେହେର ପୃ.- ୧୬୩; କୁଞ୍ଜବାବୁଙ୍କ କାଳୋତ୍ତୀର୍ଣ୍ଣ ସୃଷ୍ଟି ପୃ.- ୧୬୬ (୧. ଶାଢ଼ୀ (ସୂତା, ବାପ୍ତା, ପାଟ ଓ ମଠା) ପୃ.- ୧୬୬; ୨. ୱାଲ ହେଙ୍ଗିଙ୍ଗ୍ ପୃ.- ୧୬୬); ସମ୍ମାନ, ପୁରସ୍କାର ଓ ସମ୍ବର୍ଦ୍ଧନା ପୃ.- ୧୬୭; କଳାଭାରତୀ, ବରପାଲି ପୃ.- ୧୬୮; ପରିଚାଳନା ସମିତି ପୃ.- ୧୬୮ ]

# ପଦ୍ମଶ୍ରୀ କୁଞ୍ଜବିହାରୀଙ୍କ ବାନ୍ଧରେ ନିର୍ମିତ ବିଭିନ୍ନ କୃତି



**ଭାରତ ରତ୍ନ**

# ପଦ୍ମଶ୍ରୀ କୁଞ୍ଜବିହାରୀଙ୍କ ବାନ୍ଧରେ ନିର୍ମିତ ବିଭିନ୍ନ କୃତି




ସ୍ୱଭାବ କବି ଗଂଗାଧର